# Vice President of India visited the UAE to convey condolences on passing away of HH Sheikh Khalifa bin Zayed Al Nahyan

May 15, 2022

## ମହାମହିମ ଶେଖ ଖଲିଫା ବିନ୍ ଜାଏଦ ଅଲ୍ ନାହୟାନଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିବା ପାଇଁ ଉପରାଷ୍ଟ୍ରପତି ୟୁଏଇ ଗସ୍ତ କରିଥିଲେ

**ମଇ 15, 2022**

ୟୁଏଇର ପୂର୍ବତନ ରାଷ୍ଟ୍ରପତି ତଥା ଆବୁଧାବିର ଶାସକ ମହାମହିମ ଶେଖ ଖଲିଫା ବିନ୍ ଜାଏଦ ଅଲ୍ ନାହୟାନଙ୍କ ଦୁଃଖଦ ବିୟୋଗରେ ଭାରତ ସରକାରଙ୍କ ତରଫରୁ ଶୋକ ପ୍ରକାଶ କରିବା ପାଇଁ ଉପରାଷ୍ଟ୍ରପତି ଶ୍ରୀ ଏମ ଭେଙ୍କୟା ନାଇଡୁ 15 ମଇ 2022 ରେ ୟୁଏଇ ଗସ୍ତରେ ଯାଇଥିଲେ।

ଆଜି ମଧ୍ୟାହ୍ନରେ ଆବୁଧାବିରେ ପହଞ୍ଚିବା ପରେ ଉପରାଷ୍ଟ୍ରପତି ସିଧା ସଳଖ ମୁଶ୍ରିଫ ରାଜପ୍ରସାଦକୁ ଯାଇ ୟୁଏଇର ନବ ନିର୍ବାଚିତ ରାଷ୍ଟ୍ରପତି ମହାମହିମ ଶେଖ ମହମ୍ମଦ ବିନ୍ ଜାଏଦ ଅଲ୍ ନାହୟାନ, ରାଜ ପରିବାର ଏବଂ ୟୁଏଇର ସମସ୍ତ ନେତୃବର୍ଗଙ୍କୁ ସମବେଦନା ଜଣାଇଥିଲେ।

ରାଷ୍ଟ୍ରପତି ଶ୍ରୀ ରାମ ନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ତରଫରୁ ଉପରାଷ୍ଟ୍ରପତି ଶୋକ ବ୍ୟକ୍ତ କରିବା ସହ ଏହି କଠିନ ସମୟରେ ୟୁଏଇ ଏବଂ ଏହାର ଲୋକମାନଙ୍କ ପାଖରେ ଭାରତ ଠିଆ ହୋଇଛି ବୋଲି ଦୋହରାଇଥିଲେ।

ଉପରାଷ୍ଟ୍ରପତି ମନେ ପକାଇ କହିଥିଲେଲେ ଯେ ମହାମହିମ ଶେଖ ଖଲିଫା ବିନ୍ ଜାଏଦ ଅଲ୍ ନାହୟାନଙ୍କ ନେତୃତ୍ୱରେ ଭାରତ-ୟୁଏଇ ସମ୍ପର୍କରେ ଦୁଇ ଦେଶର ଲୋକଙ୍କ ପାରସ୍ପରିକ ଲାଭ ପାଇଁ ବହୁତ ଉନ୍ନତି ହୋଇଥିଲା ଏବଂ ଶେଖ ଖଲିଫା ମଧ୍ୟ ୟୁଏଇରରେ ବିଶାଳ ଭାରତୀୟ ସମୁଦାୟର ବିଶେଷ ଯତ୍ନ ନେଇଥିଲେ। ଭାରତୀୟ ସମୁଦାୟ ମଧ୍ୟ ତାଙ୍କୁ ଉଚ୍ଚ ସମ୍ମାନ ଦେଉଥିଲେ।

ଏହାପୂର୍ବରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଭାରତର ଶୋକ ପ୍ରକାଶ କରିବା ପାଇଁ 14 ମଇ 2022 ରେ ନୂଆଦିଲ୍ଲୀରେ ଥିବା ୟୁଏଇ ଦୂତାବାସ ଯାଇଥିଲେ। ଭାରତ ମଧ୍ୟ 14 ମଇ 2022 ରେ ରାଷ୍ଟ୍ରୀୟ ଶୋକ ଦିବସ ପାଳନ କରିଥିଲା।

ୟୁଏଇର ତୃତୀୟ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଥିବାରୁ ମହାମହିମ ଶେଖ ମହମ୍ମଦଙ୍କୁ ଉପରାଷ୍ଟ୍ରପତି ଶୁଭେଚ୍ଛା ଜଣାଇଥିଲେ। ଉପରାଷ୍ଟ୍ରପତି କହିଥିଲେ ଯେ ତାଙ୍କ ନେତୃତ୍ୱରେ ଦୁଇ ଦେଶ ନୂତନ ତଥା ବିବିଧ କ୍ଷେତ୍ରରେ ସେମାନଙ୍କର ଐତିହାସିକ ତଥା ବ୍ୟାପକ ରଣନୀତିକ ସମ୍ପର୍କକୁ ଆଗକୁ ବଢାଇବେ।

ଉପରାଷ୍ଟ୍ରପତିଙ୍କ ସହ ୟୁଏଇରେ ଭାରତର ରାଷ୍ଟ୍ରଦୂତ, ଉପରାଷ୍ଟ୍ରପତିଙ୍କ ସଚିବ, ଯୁଗ୍ମ ସଚିବ (ଗଲ୍ଫ) ଏବଂ ଭାରତ ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

**ଆବୁଧାବି**

**ମଇ 15, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.